**OFFICE OF THE ROURKELA MUNICIPAL CORPORATION**
**UDITNAGAR, ROURKELA, ODISHA-769012**
**E-mail ID: rourkelamunicipality@gmail.com**

**Letter No.** 3173 **Date:** 06.04.20

## ବିଶେଷ ସୂଚନା

ଏତଦ୍ୱାରା ରାଉରକେଲା ସହରର ସମସ୍ତ ଦୋକାନୀ, ବିକ୍ରେତା ଓ ବ୍ୟବସାୟିକ ପ୍ରତିଷ୍ଠାନର ପରିଚାଳକ ତଥା ମାଲିକଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛିଯେ, କରୋନା ଭୁତାଣୁ ଜନିତ ମହାମାରୀକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏକ ବିଶ୍ୱ ମହାମାରୀ ରୂପେ ଘୋଷଣା କରିଅଛି । ଭାରତ ସରକାର ତଥା ରାଜ୍ୟ ସରକାର ମଧ୍ୟ ଏହାକୁ ବିଜ୍ଞପିତ ଜାତୀୟ ବିପତ୍ତି ରୂପେ ଘୋଷଣା କରିଛନ୍ତି ।

କରୋନା ସଂକ୍ରମଣକୁ ତୃଣମୂଳ ସ୍ତରରେ ରୋକିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ନିୟମ ଓ ମାର୍ଗଦର୍ଶିକା ଜାରି କରାଯାଇଛି, ଯାହାଦ୍ୱାରା ସାମାଜିକ ଦୂରତ୍ବକୁ ବଜାୟ ରଖିବାକୁ ପ୍ରାଧାନ୍ୟ ଦିଆଯାଇଛି ।

ଏଣୁ, ରାଉରକେଲା ସହରର ସମସ୍ତ ଦୋକାନୀ, ବିକ୍ରେତା ଓ ବ୍ୟବସାୟିକ ପ୍ରତିଷ୍ଠାନର ପରିଚାଳକ ତଥା ମାଲିକ ମାନଙ୍କୁ ଏହି ନିର୍ଦ୍ଦେଶ ଦିଆଯାଉଛି ଯେ, ନିର୍ଦ୍ଧାରିତ ସମୟରେ ସେମାନେ ନିଜର ବ୍ୟବସାୟ କେନ୍ଦ୍ର ଖୋଲା ରଖିବା ଓ ପରିଚାଳନା କରିବା ସମୟରେ ମାର୍ଗଦର୍ଶିକାରେ ଦିଆଯାଇଥିବା ନିର୍ଦ୍ଦେଶାବଳୀର ସୁଚାରୁ ରୂପେ ପାଳନ କରିବା ସହ ସାମାଜିକ ଦୂରତା ବଜାୟ ରଖିବା ଦିଗରେ ଯତ୍ନବାନ ହେବେ । ଏହାସହିତ ତାଙ୍କ ବ୍ୟବସାୟିକ ପ୍ରତିଷ୍ଠାନକୁ ଆସୁଥିବା ବ୍ୟକ୍ତିମାନଙ୍କ ସହିତ ସାମାଜିକ ଦୂରତ୍ୱ ରଖି ବ୍ୟବସାୟ କରିବେ । ଏହାର କୌଣସି ଖିଲାପ କିମ୍ବା ଅବମାନନା କଲେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଖିଲାପକାରୀଙ୍କର ଦୋକାନ/ ବ୍ୟବସାୟ ପ୍ରତିଷ୍ଠାନକୁ ବନ୍ଦ (ସିଲ) କରାଯିବ ଓ ଖିଲାପକାରୀଙ୍କ ବିରୁଦ୍ଧରେ ଆଇନମତେ ମୋକଦ୍ଦମା ରୁଜୁ କରାଯିବ ।

କମିଶନର
ରାଉରକେଲା ମହାନଗର ନିଗମ

Memo No. 3174 Date: 06.04.20

ଆରକ୍ଷୀ ଅଧିକ୍ଷକ, ରାଉରକେଲାଙ୍କ ଅବଗତି ଏବଂ ଉଚିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅନୁରୋଧ କରାଗଲା ।

କମିଶନର
ରାଉରକେଲା ମହାନଗର ନିଗମ